# ଡ.ଲକ୍ଷ୍ମୀନାରାୟଣ ରାୟସିଂହଙ୍କ ସହିତ କିଛି ସମୟ


*ଦୈନିକ 'ଉତ୍କଳ ସମାଜ'ର ମୁଖ୍ୟ ସଂପାଦକ, 'ନୂଆ ଦୁନିଆଁ'ର ସଂପାଦକ 'ଶିକ୍ଷା ସମାଜ'ର ପ୍ରକାଶକ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ, ଖୋର୍ଦ୍ଧା ପ୍ରାଣନାଥ କଲେଜର ପୂର୍ବତନ ପ୍ରାଧ୍ୟାପକ ତଥା ହିଞ୍ଜିଳିକାଟୁ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ, ସର୍ବଭାରତୀୟ ଶିକ୍ଷକ ମହାସଂଘର ନେତା ଡ. ଲକ୍ଷ୍ମୀନାରାୟଣ ରାୟସିଂହଙ୍କ ସହ 'ଆମରିସତ୍ୟ'ର ସହଯୋଗୀ ସଂପାଦକ ସତ୍ୟବାଦୀ ବିଳିଆରସିଂହଙ୍କର ଅନ୍ତରଙ୍ଗ ଆଳାପ।*

**ପ୍ରଶ୍ନ-୧ :** ଇତିହାସ ପ୍ରସିଦ୍ଧ ସିକୋଗଡ଼ର ଦଳବେହେରାଙ୍କ ସଂଭ୍ରାନ୍ତ ବଂଶରେ ଆପଣଙ୍କ ଜନ୍ମ। ତେବେ ପିଲାଟିବେଳୁ ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ ବିରୋଧରେ ଆପଣଙ୍କର ମନ କାହିଁକି ଆନ୍ଦୋଳିତ ହେଲା ?

**ଉତ୍ତର-** ପିଲାବେଳେ ଆମ ବଂଶର ବୟୋଜ୍ୟେଷ୍ଠମାନେ ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ କରିଥାନ୍ତି। ସେମାନଙ୍କୁ ଖାଇବାକୁ ଦେବା, ଲୁଗା ଗାମୁଛା ଦାନ କରିବା, ଗାଁରେ ପରିବାରମାନଙ୍କ ମଧ୍ୟରେ ବାଦ ବିବାଦ ହେଲେ, ତାକୁ ତୁଟାଇ ଦେବାରେ ମୋର ସାଆନ୍ତ (ପିତାମହ) କାର୍ଯ୍ୟ କରିଥାନ୍ତି। ଯେପରି ଗାଁର କୌଣସି ବିବାଦ ଆଉ କଚେରିକୁ ଯିବ ନାହିଁ। ତାଙ୍କ ନ୍ୟାୟ ନିଶାପକୁ ମାନି ବିବାଦ ମଧ୍ୟ ତୁଟି ଯାଇଥାଏ। ଏସବୁ ଘଟଣା ପିଲାଟିବେଳୁ ମୋ ଉପରେ ପ୍ରଭାବ ପକାଇଥାଏ। ତା'ପରେ ବଡ଼ ହେବାପରେ ଶୋଷଣ କଷଣ ବିରୋଧରେ ଯେତେବେଳେ ଆମ ଅଞ୍ଚଳରେ କମ୍ୟୁନିଷ୍ଟ ଦଳ ପକ୍ଷରୁ ଆନ୍ଦୋଳନ ହେଲା, ପିଲାଟି ବେଳୁ ମୋ ମନ ସେ ଦିଗରେ ପ୍ରଭାବିତ ହେଲା।

**ପ୍ରଶ୍ନ-୨ :** ସ୍ୱାଧୀନତା ସଂଗ୍ରାମରେ ବିଶେଷକରି ରଣପୁର ପ୍ରଜା ଆନ୍ଦୋଳନରେ ଆପଣ ବାନର ସେବା ଭଳି କାମ କରୁଥିଲେ। ଟାଙ୍ଗୀ ହାଇସ୍କୁଲ (ଅଧୁନା ବଳରାମ ଦେବ ବିଦ୍ୟାପୀଠ)ରେ ପଢ଼ିବା ବେଳେ ସ୍କୁଲ ଫିସ୍ (ଦରମା) ବୃଦ୍ଧି ବିରୋଧୀ ଆନ୍ଦୋଳନରେ ସାମିଲ ହୋଇ ସ୍କୁଲରୁ ବହିଷ୍କୃତ ହୋଇଥିଲେ। ସେ ସମୟର ଅନୁଭୂତି ଟିକେ କହିବେ କି ?

**ଉତ୍ତର-** ରଣପୁର ପ୍ରଜା ଆନ୍ଦୋଳନ ବେଳେ ଆମ ଗାଁ ସିକୋ ଥିଲା ଅନ୍ୟତମ ସାହାଯ୍ୟ କ୍ଷେତ୍ର। ଆମ ଗାଁରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀ ପ୍ରମୁଖ ରହି ସେଠାରୁ ସ୍ୱାଧୀନତା ସଂଗ୍ରାମ ପରିଚାଳନା କରିବା ଓ ଗଡ଼ଜାତ ଆନ୍ଦୋଳନ ଚଳାଇ ରଖିବାରେ କାର୍ଯ୍ୟ କରୁଥିଲେ। ବଡ଼ ମଣିଷ କେହି ପୋଲିସ ନଜରକୁ ଏଡ଼େଇ ଏ କାର୍ଯ୍ୟ କରିବାରେ ଅନେକ ବାଧା ହେଉଥିଲା। ତେଣୁ ଆନ୍ଦୋଳନ ବାର୍ତ୍ତା ଆଦାନ ପ୍ରଦାନ ପାଇଁ ସ୍ୱର୍ଗତ ରାଜକିଶୋର ଭୁଜବଳ ଓ ମୋତେ ନିୟୋଜିତ କରାଯାଇଥିଲା। ସେତେବେଳେ ଆମେ ପ୍ରାଇମେରୀ ସ୍କୁଲରେ ପଢୁଥିଲୁ। ଆମେ ଚାଲି ଚାଲି ବ୍ୟାଗଧରି ରଣପୁର ଯାଇ ଜଗନ୍ନାଥ ମନ୍ଦିର ପାଖରେ ପରିବା ବିକ୍ରି କରୁଥିବା ଲୋକଙ୍କ ପାଖେ ପହଞ୍ଚି ଜଣଙ୍କଠାରୁ ବାଇଗଣ ପ୍ରଭୃତି କିଣି ବ୍ୟାଗରେ ରଖିଲାବେଳେ ସେ ଆଣିଥିବା ଚିଠିକୁ ପରିବା ସହିତ ଆମ ବ୍ୟାଗକୁ ପକାଇ ଦେଇଥିଲେ ଓ ଆମେ ମଧ୍ୟ ନେଇଥିବା ଚିଠିକୁ ତାଙ୍କ ପରିବା ବୋଝରେ ପକାଇ ଦେଉଥିଲୁ।



ଦିନେ ଜଣେ ପୋଲିସବାଲା ଆସି ଆମକୁ ଥାନାକୁ ନେଇଗଲା। କହିଲା ବଡ଼ ବାବୁ ଆସିଲେ ଯିବ। ତୁମେ ଦି ଜଣ ସବୁବେଳେ ପରିବା କିଣୁଛ। ତୁମ ଗାଁରେ କଣ ମିଳୁନାହିଁ ? ବାବୁ କହିଛନ୍ତି, ସେ ଆସିଲେ ତୁମକୁ ଛଡ଼ାଯିବ। ସେ ଆସୁ ଆସୁ ସଂଧ୍ୟା ହୋଇଗଲା। ବାବୁ କେତେ କଥା ପଚାରିଲେ। ତାପରେ କହିଲେ କାଲି ଯିବ। ବାଟରେ ତଣ୍ଟିଆ କଟା ଥିବେ। ତଣ୍ଟିଆ କଟା ଯେ କୌଣସି ମଣିଷଧରି ତଣ୍ଟିକାଟି ରକ୍ତ ନେଇ ମଣିନାଗ ମୁଣ୍ଡିଆ ଉପରେ ଥିବା ଉପର ମଣିନାଗଙ୍କୁ ଦିଅନ୍ତି। ଆମେ ଡରିଗଲୁ। ଥାନା ହାଜତରେ ରହିଲୁ। ତାପର ଦିନ ସକାଳେ ଘରକୁ ଫେରିଲୁ।

ଟାଙ୍ଗୀ ହାଇସ୍କୁଲ (ଏବେ ବଳରାମ ଦେବ ବିଦ୍ୟାପୀଠ)ରେ ୧୯୪୫-୪୬ ମସିହାରେ ପଢ଼ିଲାବେଳେ ଛାତ୍ରମାନଙ୍କ ଦରମା ବଢ଼ାଇଦେବାରୁ ତା ବିରୋଧରେ ଆନ୍ଦୋଳନ ହେଲା। ସେତେବେଳେ ପ୍ରଧାନ ଶିକ୍ଷକ ଥାଆନ୍ତି ଡମ୍ବରୁଧର ପରିଡ଼ା। ସେ ମୋତେ ବହୁତ ବୁଝାଇଥିଲେ। କିନ୍ତୁ ମୁଁ ରାଜି ହୋଇନଥିଲି। ଫଳରେ ସ୍କୁଲ ମ୍ୟାନେଜିଙ୍ଗ କମିଟିରେ କଥା ପକାଇ ମୋତେ ବାଧ୍ୟତାମୂଳକ ଟି.ସି. ଦେଇ ସ୍କୁଲରୁ ବିଦା କରିଦେଲେ। ଫଳରେ ଓଳସିଂହର ଦାଶରଥି ହାଇସ୍କୁଲରେ ପଢ଼ିଲି। ଏଣେ ଟାଙ୍ଗିରେ ଛାତ୍ର ଅଶାନ୍ତି ଲାଗି ରହିଲା। ଫଳରେ ମୋତେ ଫେରାଇ ଆଣିବାକୁ ଟାଙ୍ଗି ହାଇସ୍କୁଲ ମ୍ୟାନେଜିଂ କମିଟି ଓଳସିଂହ ହାଇସ୍କୁଲକୁ ଅନୁରୋଧ କଲେ। ଓଳସିଂହ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ମହାନ୍ତି ମୋତେ ବୁଝାଇ କହିଲେ

ଯେଉଁମାନେ ସ୍କୁଲରୁ ବାହାର କରି ଦେଇଥିଲେ ସେମାନେ ଯଦି ଫେରାଇ ନେବାକୁ ସ୍ଥିର କରିଛନ୍ତି ତେବେ ଯିବା ଉଚିତ। ଏଣୁ ମୋର ପୁଣି ଟାଙ୍ଗିରେ ନାମଲେଖା ହେଲା। ପିଲାଙ୍କ ବର୍ଦ୍ଧିତ ଦରମା ପ୍ରତ୍ୟାହୃତ ହେଲା।

**ପ୍ରଶ୍ନ-୩ :** ସାମାଜିକ ସମତା ପାଇଁ ସମାଜରୁ ଅସମାନତା ଦୂର ପାଇଁ ସାମ୍ୟବାଦୀ ଚିନ୍ତାଧାରା କଣ ଏକମାତ୍ର ବିକଳ୍ପ? ଆପଣ ଭାବୁନାହାନ୍ତି କି ଆପଣଙ୍କ ଭଳି  କତିପୟ ଆଦର୍ଶବାଦୀ ସାମ୍ୟବାଦୀଙ୍କୁ ଛାଡ଼ିଦେଲେ ଅଧିକାଂଶ ସାମ୍ୟବାଦୀ ଉଚ୍ଚାରଣ ଓ ଆଚରଣରେ ପ୍ରକୃତ ସାମ୍ୟବାଦୀ ନୁହନ୍ତି ?

ଉତ୍ତର- ପ୍ରତିବାଦ ବ୍ୟବସ୍ଥା ଶୋଷଣ କଷଣ ପାଇଁ ଦାୟୀ। କିନ୍ତୁ ସମାଜବାଦୀ ସମାଜ ଯେ ଉତ୍କୃଷ୍ଟ ତାହାର ପ୍ରମାଣ ମଧ୍ୟ ପୃଥିବୀରେ ସୃଷ୍ଟି ହୋଇଛି। ସେଥିପାଇଁ ବିଭିନ୍ନ ଦେଶରେ ବିପ୍ଳବମାନ ସଂଘଟିତ ହୋଇଛି।



ସ୍ୱାଧୀନତା ପରେ ଭାରତ ଏକ ସାର୍ବଭୌମ ଗଣତନ୍ତ୍ରିକ ରାଷ୍ଟ୍ରଭାବେ ଗୃହୀତ ହେଲା। କିନ୍ତୁ ପୁଞ୍ଜିବାଦୀ ବ୍ୟବସ୍ଥା ଶାସନରେ ଜାରି ରହିଲା। ଭାରତର ଶୋଷଣ କଷଣ ଦୂରୀକରଣ ପାଇଁ ସମାଜବାଦୀ ବ୍ୟବସ୍ଥା ଯେ ଉପଯୁକ୍ତ ତାହା ଉପଲବ୍ଧି କରି ସମ୍ବିଧାନରେ ମଧ୍ୟ ସମାଜବାଦୀ ରାଷ୍ଟ୍ରବୋଲି ଉଲ୍ଲେଖ କରାଗଲା। ସମାଜବାଦ ନୀତିକୁ ଆଦରିନେବା ସରକାରଙ୍କ ଦାୟିତ୍ୱ। କିନ୍ତୁ ତାହା ଠିକ୍ ଭାବେ ପ୍ରୟୋଗ ହେଉନଥିବାରୁ ସାମ୍ୟବାଦୀ ନେଇ ପ୍ରଶ୍ନ ଉଠୁଛି।

**ପ୍ରଶ୍ନ-୪ :** ସମ୍ଭ୍ରାନ୍ତ ପରିବାରରେ ଆପଣ ଜନ୍ମଲାଭ କରିଛନ୍ତି, ଅଧ୍ୟାପକ, ପ୍ରାଧ୍ୟାପକ ଓ ଅଧକ୍ଷ ହୋଇଛନ୍ତି। ପତ୍ରପତ୍ରିକା ସଂପାଦନା କରୁଛନ୍ତି। ଅନେକ ଅନୁଷ୍ଠାନ ଆପଣଙ୍କ ହାତରେ ଗଢ଼ାହୋଇଛି ଏବଂ ବହୁ ଅନୁଷ୍ଠାନ ସହ ଆପଣଙ୍କ ସଂପୃକ୍ତି ରହିଛି। ସେ ସମ୍ପର୍କରେ କିଛି କହିବେ?

ଉତ୍ତର-ସାମାଜିକ ପରିବର୍ତ୍ତନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସଂଗଠିତ କରିବାର ଆବଶ୍ୟକତା ରହିଛି। ତେଣୁ ବିଭିନ୍ନ ଅନୁଷ୍ଠାନ ଗଢ଼ିବା ଓ ଗଢ଼ା ଅନୁଷ୍ଠାନରେ ନିଜକୁ ସଂପୃକ୍ତ କରିବାରେ ମୁଁ ନିଜକୁ ନିୟୋଜିତ କରି ଆସିଛି।

**ପ୍ର-୫ :** ଆଜିର ବ୍ୟସ୍ତବହୁଳ ଜୀବନରେ ଗଳାକଟା ପ୍ରତିଯୋଗିତାର ବାତାବରଣରେ ସମସ୍ତେ ଅଳ୍ପ ସମୟରେ ଆଗକୁ ଯିବାକୁ ଚାହିଁଛନ୍ତି। ଏ ସମ୍ବନ୍ଧରେ ଆପଣଙ୍କର କଣ ମତ?

ଉତ୍ତର-ସମ୍ପ୍ରତି ଜଗତୀକରଣ ପ୍ରକ୍ରିୟାରେ ସମଗ୍ର ପୃଥିବୀ ଗୋଟିଏ ଗାଁ ପରି ହୋଇଯାଇଛି। ଏଥିରେ ଉଦାରୀକରଣ ଅର୍ଥନୀତି ଯୋଗୁ ଅର୍ଥ ଆହରଣ ପାଇଁ ସମସ୍ତେ ଆଗକୁ ବଢ଼ି ଚାଲିଛନ୍ତି। ଫଳରେ ଧନ ଲାଭର ମନୋବୃତ୍ତିରୁ ପୁଞ୍ଜିବାଦୀ ବ୍ୟବସ୍ଥାରେ ଦୁର୍ନୀତି ଅନୀତି ଅନ୍ୟାୟ ବାଟରେ ମାଡ଼ି ଚାଲିଛି। ଅନ୍ୟ ପକ୍ଷରେ ଏହା ବିରୋଧରେ ମଧ୍ୟ ସଂଗ୍ରାମ ଓ ଆନ୍ଦୋଳନମାନ ସଂଗଠିତ ହେଉଛି। ଲୋକେ ସଚେତନ ହେବା ସଙ୍ଗେ ସଙ୍ଗେ ସଂଗଠିତ ହୋଇ ପୁଜିଂବାଦୀ ନୀତିର ଦୃଢ଼ ପ୍ରତିବାଦ କରନ୍ତୁ।

**ପ୍ର-୬ :** ଅସୁସ୍ଥତା ସମୟତକ ଛାଡ଼ିଦେଲେ ଜୀବନତମାମ ଆପଣ ବେଶ୍ କର୍ମ ଚଞ୍ଚଳ। ଏହାର ରହସ୍ୟ କଣ ?

**ଉତ୍ତର**-ଜଣେ କର୍ମ ଚଞ୍ଚଳ ହେବାର ରହସ୍ୟ ହେଉଛି - ସେ ଗ୍ରହଣ କରିଥିବା ଲକ୍ଷ୍ୟ କେଉଁ ତତ୍ତ୍ୱ ଉପରେ ପ୍ରତିଷ୍ଠିତ। ମୁଁ ବସ୍ତୁବାଦୀ ହୋଇଥିବାରୁ ବସ୍ତୁବାଦୀ ତତ୍ତ୍ୱ ଉପରେ ଭିତ୍ତିକରି ଗତି କରିଥାଏ। ସ୍ୱାର୍ଥପରତା ଓ ଆଳସ୍ୟକୁ ମୁଁ ସର୍ବଦା ଘୃଣା କରିଥାଏ।

**ପ୍ର-୭ :** ଜୀବନତମାମ ସାଇକେଲ ଆପଣଙ୍କର ପାଥେୟ। ଆଜିର ବ୍ୟସ୍ତ ବହୁଳ ଜୀବନସହ ତାଳ ଦେବାପାଇଁ ସାଇକେଲ କଣ ଏବେ ସମର୍ଥ? ସ୍କୁଟି, ମଟରସାଇକଲ କି ଚାରିଚକିଆ ଗାଡ଼ି ଚଲେଇବାକୁ ଆପଣଙ୍କର କେବେ ଇଚ୍ଛା ହୋଇନି?

**ଉତ୍ତର-** ଆଜିର ବ୍ୟସ୍ତ ବହୁଳ ଜୀବନରେ ମଣିଷ ଦ୍ରୁତଗାମୀ ହେବାକୁ ଇଚ୍ଛା କରେ। ଦ୍ରୁତଗାମୀ ଯାନ ଚଳାଇବାକୁ ଇଚ୍ଛାକରି ଲୁନା ଚଳାଇବାକୁ ଶିଖିଲି। ସାନ ପୁଅ ଲୁନା ପଛରେ ବସି ଲୁନା ଚାଳନାରେ ସାହାଯ୍ୟ କଲା। ସଡ଼କ ରାସ୍ତାରେ ଆଗପଟୁ ଏକ ଟ୍ରକ ଆସୁଥିଲା। ବାମ ପାଖକୁ ନେଲାବେଳେ ଗୋଟିଏ ଖାଲ ଥିଲା। ମୋ ଲୁନାଟି ଗଡ଼ି ପଡ଼ିଲା। ମୋର ଗୋଡ଼ ହାତ ଖଣ୍ଡିଆ ହେଲା। ସେହିଦିନଠାରୁ ମୁଁ ଲୁନା କିଂବା କୌଣସି ଯାନ ବ୍ୟବହାର କରିନାହିଁ। ମୋର ଯୌତୁକ ବେଳେ ମିଳିଥିବା ବି.ଏସ.ଏ ସାଇକଲଟି ଏବେ ବି ଅଛି। ଖୋର୍ଦ୍ଧା ବଜାର, କଲେଜ ବା ନିକଟବର୍ତ୍ତୀ ସଭା ସମାବେଶରକୁ ସାଇକେଲ ନେଇ ଯାଇଥାଏ। ଦୂରକୁ ଗଲେ ବସ, ଅଟୋ ପ୍ରଭୃତିର ସାହାଯ୍ୟ ନେଇଥାଏ।

**ପ୍ର-୮ :** ଆପଣ ନିଜ ବାହାଘରକୁ ଦଳବେହେରା ବଂଶଜ ପରମ୍ପରା ଅନୁଯାୟୀ କରିବାକୁ ଚାହିଁନଥିଲେ କାହିଁକି? ଆମ ସମାଜରେ ଜାତିପ୍ରଥା ସାମାଜିକ ଉନ୍ନତିରେ ବାଧକ ସୃଷ୍ଟି କରୁନି କି?

**ଉତ୍ତର-**ମୁଁ କୃଷକ ଚାଷୀ ମୂଲିଆ ଆନ୍ଦୋଳନରେ ଯୋଗଦେବା ସଙ୍ଗେସଙ୍ଗେ ଜାତିପ୍ରଥା ମାନିଲି ନାହିଁ। କିଂତୁ ମୋର ବିବାହ ବେଳେ ଗୋଟିଏ ସମସ୍ୟା ଦେଖାଦେଲା। ମୋର ସାଆନ୍ତ ହେଉଛନ୍ତି ଦଳବେହେରା। ତାଙ୍କ ଅମଳ ସାମନ୍ତବାଦୀ କ୍ରିୟାକଳାପରେ କଟିଥିଲା। ସେ ଇଚ୍ଛାକଲେ ତାଙ୍କ ସାମନ୍ତବାଦୀ ଶେଷ ଇଚ୍ଛାକୁ ପୂରଣ କରିବାପାଇଁ। ସେ କହିଥିଲେ 'ମୁଁ ଋହୁଁଛି ଆମ ସନନ୍ଦ ଅନୁସାରେ ବିବାହ ସଲଟଣ ନେଇ ଯିବାକୁ।' ଏ କଥା ମୋ ପାଇଁ ବଡ଼ ସଂକଟଜନକ ହେଲା। ମୁଁ ଆମ ଆନ୍ଦୋଳନର ନେତା ଗଙ୍ଗାଧର ପାଇକରାୟଙ୍କୁ ପଋରିଲି। ସେ କହିଲେ, ବାପା ଯେତେବେଳେ ତାଙ୍କର ଶେଷ ଇଚ୍ଛା ପୂରଣ କରିବାକୁ ଚାହୁଁଛନ୍ତି ତାଙ୍କୁ ଶେଷଥର ପାଇଁ ଇଚ୍ଛା ପୂରଣ ପାଇଁ ସମ୍ମତି ଦିଆଯାଉ।

ଶେଷରେ ତାହାହିଁ ହେଲା। ବିବାହ ପଟୁଆରରେ ହାତୀ, ଘୋଡ଼ା, ପାଲିଙ୍କି, ଆଡ଼େଣି, ଛତ୍ର, ତରାସ, ଯୋଡ଼ାମଶାଲ, ମଗରମୁଁହା ପାଲିଙ୍କି ପ୍ରଭୃତି ବିବାହ ପଟୁଆର ଗଲା। ଏହାଥିଲା ଆମ ସାମନ୍ତବାଦୀ ବ୍ୟବସ୍ଥାର ଶେଷ। ପରେ ଏପରି ବ୍ୟବସ୍ଥା ଆଉ ମୁଁ ମୋର ପୁଅମାନଙ୍କ ପାଇଁ କରିନାହିଁ।

**ପ୍ର-୯ :** ସାହିତ୍ୟର ସମସ୍ତ ବିଭାଗରେ ଆପଣ ଲେଖନୀ ଋଳନା କରିଛନ୍ତି। ତେବେ ସରକାରଙ୍କ ତରଫରୁ ଯେଭଳି ସମ୍ମାନ, ସମ୍ବର୍ଦ୍ଧନା ମିଳିବା କଥା ତାହା ମିଳିପାରିନାହିଁ ବୋଲି ଭାବୁଛନ୍ତି କି?

**ଉତ୍ତର-**ସାହିତ୍ୟର ବିଭିନ୍ନ ବିଭାଗରେ ମୁଁ କଲମ ଋଳନା କରିଛି। କିଂତୁ ପୁରସ୍କାର ଲାଭ ଆଶାରେ ନୁହେଁ। ସେଥିପାଇଁ ସରକାରୀ ସମ୍ମାନ ପାଇବା ପ୍ରଶ୍ନ ମୋ ମନରେ କେବେ ଉଦ୍ରେକ ହୋଇନାହିଁ। କିନ୍ତୁ ବହୁ ବେସରକାରୀ ଅନୁଷ୍ଠାନମାନେ ମୋତେ ଉତ୍ସାହିତ କରିଛନ୍ତି ଓ ସମ୍ମାନିତ କରିଛନ୍ତି। ଜୀବନତ ଗତିଶୀଳ -ଅବଶୋଷ କଥା କିଛି ସେପରି ଭାବିନାହିଁ।

**ପ୍ର୧୦-**ଆପଣଙ୍କ ଜୀବନରେ ସୁଖ ଓ ଦୁଃଖର ପ୍ରତିଶତ କେତେ? ଜୀବନରେ ଆପଣଙ୍କର କଣ ଅବଶୋଷ ଅଛି?

**ଉତ୍ତର-**ମୁଁ ସୁଖ ଦୁଃଖକୁ ପ୍ରାୟ ସମଦୃଷ୍ଟିରେ ଦେଖି ଆସିଛି। ତେଣୁ ମୋ ମନରେ ସେଥିପାଇଁ ବିଶେଷ ଭାବନା ନଥାଏ।

**ପ୍ର-୧୧ :** ବର୍ତ୍ତମାନର ଓଡ଼ିଆ ସମ୍ବାଦପତ୍ର ଏବଂ ପତ୍ରପତ୍ରିକାର ପରିପାଟୀ ବହୁତ ସୁନ୍ଦର। ମାତ୍ର ତାର ତାତ୍ତ୍ୱିକ ଭାବଧାରା ଏବଂ ମୂଳଲକ୍ଷ୍ୟ ହାସଲରେ କେତେ ଦୂର ଏହା ସମ୍ଭବପର ହୋଇଛି?

**ଉତ୍ତର-**ବର୍ତ୍ତମାନ ଓଡ଼ିଆ ସମ୍ବାଦପତ୍ର ବିଭିନ୍ନ ବୈଚିତ୍ର୍ୟରେ ପ୍ରକାଶିତ ହେଉଛି। ଯେଉଁମାନେ ପତ୍ରିକାକୁ ଲାଭଜନକ ବ୍ୟବସାୟ କରୁଛନ୍ତି, ସେମାନେ ସୁସ୍ଥ ସାମ୍ବାଦିକତାର ମୂଲ୍ୟ ରକ୍ଷା କରୁ ନାହାଁନ୍ତି। ଅନେକ ପାଠକଙ୍କୁ ଭ୍ରଷ୍ଟତା ଆଡ଼କୁ ପ୍ରଭାବିତ କରାଇବାରେ ଚେଷ୍ଟା କରିଥାନ୍ତି।

**ପ୍ର-୧୨ :** ସାମ୍ପ୍ରତିକ ସମାଜରେ ମୂଲ୍ୟବୋଧର ଅବକ୍ଷୟ ଘଟି ଚାଲିଛି। ମଣିଷର ଅଧୋପତନ ଘଟି ଚାଲିଛି। କଣ କଲେ ଏଥିରୁ ମୁକୁଳି ହେବ, ଏ ସମାଜ ଠିକ୍ ରାସ୍ତାରେ ଚାଲି ପାରିବ?

**ଉତ୍ତର-**ସାମ୍ପ୍ରତିକ ସମାଜରେ ମୂଲ୍ୟବୋଧର ଅବକ୍ଷୟ ହୋଇ ଚାଲିଛି। ଏଠାରେ ଗୋଟିଏ ପ୍ରଶ୍ନ ମଧ୍ୟ ଦେଖାଦେଇଥାଏ। କାହାର କେଉଁ ମୂଲ୍ୟବୋଧ। ଧର୍ମ ସମ୍ବନ୍ଧୀୟ ମୂଲ୍ୟବୋଧ, ଗଣତାନ୍ତ୍ରିକ ମୂଲ୍ୟବୋଧ, ସମାଜବାଦୀ ମୂଲ୍ୟବୋଧ ପ୍ରଭୃତି ମଧ୍ୟରୁ କାହାର ଅବକ୍ଷୟ। ତାହା ନିରୁପିତ ହୋଇପାରିଲେ, ତା ବିରୋଧରେ ସଂଗଠିତ ସଂଗ୍ରାମର ଆବଶ୍ୟକତା ଅଛି। ସଂଗଠିତ ଆନ୍ଦୋଳନ ଓ ସଂଗ୍ରାମ ଅବକ୍ଷୟକୁ ରୋକିବାରେ ସାହାଯ୍ୟ କରିପାରିବ।

**ପ୍ର-୧୩ :** ଶିଶୁ କିଶୋର ଓ ଯୁବସମାଜ ପାଇଁ ଆପଣଙ୍କର କଣ ବାର୍ତ୍ତା ଦେବେ?

ଉତ୍ତର-ଶିଶୁ, କିଶୋର ଓ ଯୁବ ସମାଜ ପାଇଁ ବାର୍ତ୍ତା ହେଉଛି କାର୍ଯ୍ୟରେ ନିଷ୍ଠା ଓ କର୍ତ୍ତବ୍ୟ, କର୍ମରେ ସଫଳତା ପାଇଁ ନିରଳସ ସାଧନା ଆବଶ୍ୟକ।

ଡକ୍ଟର ଲକ୍ଷ୍ମୀନାରାୟଣ ରାୟସିଂହଙ୍କର ଦୀର୍ଘଜୀବନ କାମନା କରୁଛୁ ।

**- "ଆମରିସତ୍ୟ ପରିବାର"**

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

| | | | | | | | | |
|---|---|---|---|---|---|---|---|---|
| | 2 | 7 | 8 | | 1 | | 4 | |
| | 8 | | | 9 | | 2 | | 3 |
| 3 | 4 | | 6 | | 2 | | 7 | 9 |
| 7 | | | 2 | 8 | | 3 | | 1 |
| 5 | | 8 | 1 | | 9 | 4 | | |
| | | 9 | | 4 | 3 | | 6 | 8 |
| 1 | | 3 | | | | 9 | 8 | 4 |
| 8 | | 2 | 3 | 7 | | | 5 | |
| | 5 | | 9 | | 8 | | 3 | 2 |

ଉତ୍ତର - ପ୍ରଶ୍ନ ସଂଖ୍ୟା : ୨୨ ରେ